## ସଂକ୍ଷେପରେ

### ୮୫ ହଜାର ଲୁଟ୍ ଘଟଣା ଜେଲ୍ ଗଲେ ଅଭିଯୁକ୍ତ

**ରୂପ୍‌ସା, ୨୫।୧୦(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ବାହାବଳପୁର ସାମୁଦ୍ରିକ ଥାନା ଅଧୀନ ଦୁବୁଲାଗଡ଼ି ଗ୍ରାମର ଜଣେ ଭୁଟୁଭୁଟି ମାଲିକ ଅଜାମିଲ ବେରାଙ୍କ ମୁହାଣସ୍ଥିତ ଗୋଦାମ ଓ ଅଫିସ୍ ଘରର ଶଟର ଭାଙ୍ଗି ୮୫ ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ. ୨୭/୧୯) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିଲା। ଏହି ଲୁଟ୍ ଘଟଣାରେ ପୋଲିସ ନୀଳଗିରି ଥାନା ଗୋପାଳପୁର ଗ୍ରାମର ଅଭିଯୁକ୍ତ ଗୋପାଳ ସିଂଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଯାଇଛି। ଅଭିଯୁକ୍ତ ଗୋପାଳ ଅନ୍ୟ ଏକ ଟ୍ରଲର ମାଲିକଙ୍କ ପାଖରେ ଦୀର୍ଘଦିନ ହେଲା କାର୍ଯ୍ୟ କରି ଆସୁଥିଲେ। ଆଇଆଇସି ଲକ୍ଷ୍ମଣ କୁମାର ବେହେରା ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କଠାରୁ ଚୋରି ୨୬ହଜାର ଟଙ୍କା ଜବତ କରିଛନ୍ତି।

### ନଡା ଛପର ଘର ଜଳିଗଲା

**ବାହାନଗା, ୨୫।୧୦(ଡି.ଏନ.ଏ.):** ଚୂଲିରେ ଜାଳେଣି କାଠ ଶେକୁଥିବା ବେଳେ ଏକ ନଡାଛପର ଘର ଜଳିଯାଇଛି। ଘଟଣା ଘଟିଛି ବାହାନଗା ବ୍ଲକ କଲ୍ୟାଣି ପଞ୍ଚାୟତର ଭିଲ୍ଲା ଗ୍ରାମ ନିକଟସ୍ଥ ବଗଲପୁର ଆଡିଆରେ। ରମାକାନ୍ତ ମହାଲିକଙ୍କ ସ୍ତ୍ରୀ ରାତିରେ ଓଦା କାଠଗୁଡିକୁ ଚୂଲିରେ ଶେକିବା କାଇଁ ଲଦିଥିଲେ । ତେବେ ରାତିରେ ଘର ଭିତରେ ଶୋଇବା ପରେ କାଠରେ ନିଆଁ ଲାଗି ନଡା ଛପର ଘର ଜଳିଯାଇଥିଲା । ଫଳରେ ଘର ଜଳିବା ପରେ ସମସ୍ତେ ଓଠି ବାହାରକୁ ପଳାଇଆସିଥିଲେ। ଖବରପାଇ ବରିବଦା ଆରଆଇ ଶୁକ୍ରବାର ସକାଳେ ତଦନ୍ତ କରି ଫେରି ଯାଇଛନ୍ତି। ଏପଟେ ଘର ପୋଡି ଯାଇଥିବା ବେଳେ ଲଘୁଚାପ ବର୍ଷା ଯୋଗୁ ପରିବାର ଲୋକେ ବହୁତ ହଇରାଣ ହୋଇଛନ୍ତି।

### ଦୁଇ ବସ୍ ମଧ୍ୟରେ ଧକ୍କା: ଡ୍ରାଇଭର ସହ ୧୨ ଆହତ

**ରେମୁଣା, ୨୫।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ବିସିଇଟି କଲେଜ ନିକଟରେ ଶୁକ୍ରବାର ଅପରାହ୍ନରେ ଦୁଇଟି ବସ୍ ମଧ୍ୟରେ ଦୁର୍ଘଟଣା ଘଟି ଜଣେ ଚାଳକ ସମେତ ୧୨ଜଣ ଯାତ୍ରୀ ଆହତ ହୋଇଛନ୍ତି। ଅପରାହ୍ନ ପ୍ରାୟ ସାଢେ ୨ଟା ବେଳେ ବାରିପଦା ଭାୟା ବାଲେଶ୍ୱରରୁ ଭୁବନେଶ୍ୱର ଯାଉଥିବା ଏକ ବସ୍ (ନଂ.ଓଡ଼ି୧୧ଡ଼ି-୦୧୬୧)କୁ ବାଲେଶ୍ୱରରୁ ଭୁବନେଶ୍ୱର ଯାଉଥିବା ଏକ ବସ୍ (ନଂ.ଓଡ଼ି୨୨ଗ-୨୯୭୭) ପଛପଟୁ ଧକ୍କା ଦେଇଥିଲା। ଫଳରେ ଏକ ବସ୍‌ର ଚାଳକଙ୍କ ସମେତ ମୋଟ୍ ୧୨ଜଣ ଯାତ୍ରୀ ଆହତ ହୋଇଥିବା ପୋଲିସ ସୂତ୍ରରୁ ଜଣାପଡିଛି। ଆହତ ଯାତ୍ରୀଙ୍କୁ ଡାକ୍ତରଖାନା ପଠାଯାଇ ଥିବା ବେଳେ ଦୁଇ ବସ୍‌କୁ ଖନ୍ତାପଡ଼ା ଥାନାରେ ଅଟକ ରଖାଯାଇଛି।

### ବ୍ଲକସ୍ତରୀୟ ସୁରଭି

**ବସ୍ତା, ୨୫।୧୦(ସ୍ୱ.ପ୍ର.):** ବସ୍ତା ବ୍ଲକ ବେଲି ଏମୟୁବି ନୋଡ଼ାଲ ସରକାରୀ ଉଚ୍ଚବିଦ୍ୟାଳୟରେ ବ୍ଲକସ୍ତରୀୟ ସୁରଭି ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବିଇଓ ପ୍ରାଚୀତନୟା ଗିରିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଏବିଇଓ ଧନଞ୍ଜୟ ବେହେରା, ବିଜୟ କୁମାର ଜେନା, ରବିନାରାୟଣ ପଣ୍ଡା, ସରପଞ୍ଚ ପ୍ରତିନିଧି ସରୋଜ କୁମାର ପାଲ, ସମିତିସଭ୍ୟ ଶରତ କୁମାର ଜେନା, ନୋଡାଲ ପ୍ରଧାନଶିକ୍ଷକ ଶ୍ରୀପତି ଚରଣ ପାତ୍ର, ଦେବେନ୍ଦ୍ରନାଥ ପାଲ, ବେଲି ସିଆର୍‌ସିସି ଶେଖ ମୁସଲିମ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଶ୍ରୀପତି ଚରଣ ପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଦେବେନ୍ଦ୍ର ନାଥ ପାଲ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଏବିଇଓ ଧନଞ୍ଜୟ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ଏବିଇଓ ବିଜୟ କୁମାର ଜେନା, ଏସ୍‌ଏମ୍‌ସି ସଭାପତି ପୂର୍ଣ୍ଣେନ୍ଦୁ ପାତ୍ର ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମକୁ ବ୍ଲକର ସିଆର୍‌ସିସି, ବେଲି କ୍ଲଷ୍ଟରର ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ସ୍କୁଲର ଶିକ୍ଷୟତ୍ରୀଶିକ୍ଷକ ପରିଚାଳନା କରିଥିଲେ।

# ବାଲେଶ୍ୱର ସହରରେ କୃତ୍ରିମ ବନ୍ୟା



ସହର ଭିତରେ ଜଣେ ଲୋକ ଆଣ୍ଠୁଏ ପାଣିରେ ପଶି ଯାଉଛନ୍ତି।

**ବାଲେଶ୍ୱର ଅଫିସ, ୨୫।୧୦**

**ଡ୍ରେନେଜ୍ ସମସ୍ୟାରେ ଅତିଷ୍ଠ ସହରବାସୀ**

ବଙ୍ଗୋପସାଗରରେ ସୃଷ୍ଟି ଘୂର୍ଣ୍ଣିବଳୟ ଲଘୁଚାପରେ ପରିଣତ ହେବା ପରେ ଗତ ୩ଦିନ ଧରି ବର୍ଷା ଲାଗି ରହିବାରୁ ଶୁକ୍ରବାର ବାଲେଶ୍ୱର ସହରର ବିଭିନ୍ନ ସ୍ଥାନରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି। ରାସ୍ତାଘାଟ ବୁଡ଼ିଯିବା ସହ ଘର ଭିତରେ ପାଣି ପଶିଛି। ସହରର ବିଭିନ୍ନ ନାଳ ଏବଂ ମହାନାଳକୁ ସମୟ ଅନୁସାରେ ସଫେଇ କରାଯାଉ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଜିଲାର ସହର ଉପକଣ୍ଠ ନୂଆସାହି ସିଟି କ୍ଲିନିକ୍ ଛକରେ ରାସ୍ତା ଉପରେ ଆଣ୍ଠୁଏ ଉପରେ ପାଣି ଚାଲିଛି। ବାଲେଶ୍ୱର ଫକୀରମୋହନ ମେଡ଼ିକାଲ କଲେଜ ଓ ହସ୍‌ପିଟାଲ ପରିସରରେ ବର୍ଷାପାଣି ଜମି ରହିଛି। ମେଡ଼ିକାଲର ସର୍ଜରୀ ୱାର୍ଡ଼ରେ ଗୁରୁବାର ରାତିରେ ପାଣି ପଶିଯିବା ସହିତ ବାରଣ୍ଡାରେ ପାଣି ଜମିଯାଇଥିବାରୁ ରୋଗୀ ଓ ସମ୍ପର୍କୀୟମାନେ ନାହିଁନ ଥିବା ହଇରାଣ ହୋଇଛନ୍ତି। ଜିଲାର ଗୁଡ଼ିପଦା, ସିଟି କ୍ଲିନିକ୍ ଛକ, ନୂଆସାହି, ପୋଷ୍ଟାଲ କଲୋନୀ, ଗୋପାଳଗାଁ, ରାଣୀପାଟଣା, ସିନେମାଛକ, ନୂଆବଜାର ଭଳି ବିଭିନ୍ନ ସ୍ଥାନରେ ଡ୍ରେନ୍ ପାଣି ଢେଉ ଖେଳୁଛି। ତଳିଆ ଅଞ୍ଚଳର ଲୋକମାନଙ୍କ ଘରେ ପାଣି ପଶି ଯାଇଥିବାରୁ ସେମାନେ ଘରଦ୍ୱାର ଛାଡ଼ି ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ କୌଣସି ସହାୟତା ଅଦ୍ୟାବଧି ପହଞ୍ଚି ନ ଥିବାର ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଜିଲାରେ ହାରାହାରି ୧୨୭.୮୦ ମି.ମି. ବର୍ଷା ହୋଇଥିବା ବେଳେ ଭୋଗରାଇରେ ବ୍ଲକରେ ୧୫୬.୨ ମି.ମି., ଜଳେଶ୍ୱରରେ ୧୩୭ ମି.ମି., ବାଲିଆପାଳରେ ୧୪୮ ମି.ମି., ବସ୍ତାରେ ୮୬ ମି.ମି., ବାଲେଶ୍ୱରରେ ୧୪୫ ମି.ମି., ରେମୁଣାରେ ୧୭୫ ମି.ମି., ନୀଳଗିରିରେ ୧୩୪.୪ମି.ମି., ସୋରରେ ୧୨୫ମି.ମି., ବାହାନଗାରେ ୧୩୧ ମି.ମି., ସିମୁଳିଆରେ ୧୧୩ ମି.ମି., ଖଇରାରେ ୧୧୦ ମି.ମି., ଔପଦା ବ୍ଲକରେ ୭୩ ମି.ମି. ବର୍ଷା ହୋଇଥିବା ଜିଲା ଜରୁରୀ କାଳୀନ ଅଧିକାରୀ ଅଭୟ କୁମାର ନାୟକ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ କୌଣସି ଜାଗାରେ ବନ୍ୟା ପରିସ୍ଥିତି ଉପୁଜି ନ ଥିବାବେଳେ ଜଳକା ନଦୀର ଜଳସ୍ତର ବିପଦସଙ୍କେତ ଉପରେ ପ୍ରବାହିତ ହେଉଛି।

## ଜଳକାରେ ଜଳସ୍ତର ବିପଦ ସଙ୍କେତ ଟପିଲା


ଜଳକା ନଦୀରେ ବନ୍ୟା ଜଳ।

**ବସ୍ତା, ୨୫।୧୦(ସ୍ୱ.ପ୍ର.)**–ଦୁଇଦିନ ଧରି ଲଘୁଚାପଜନିତ ବର୍ଷା ଲାଗି ରହିବାରୁ ବସ୍ତା ବ୍ଲକ ଦେଇ ପ୍ରବାହିତ ଜଳକା ନଦୀରେ ବନ୍ୟାଜଳ ବିପଦସଂକେତ ଊର୍ଦ୍ଧ୍ୱରେ ପ୍ରବାହିତ ହେଉଛି। ଜଳସେଚନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ନଦୀର ବିପଦସଂକେତ ମଥାନୀଠାରେ ୫.୫୦ ମିଟର ଥିବାବେଳେ ଗୁରୁବାର ରାତି ଗୋଟାଏରେ ନଦୀ ତାର ବିପଦ ସଂକେତକୁ ଅତିକ୍ରମ କରିଥିଲା। ନଦୀର ଉପରମୁଣ୍ଡ ପଡ଼ୋଶୀ ମୟୂରଭଞ୍ଜ ଜିଲାରେ ଅଧିକ ବର୍ଷା ହେବା ସହିତ ବସ୍ତା ବ୍ଲକରେ ମଧ୍ୟ ଜୋର୍ ବର୍ଷା ହେବା ଯୋଗୁ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଗତ ଦୁଇଦିନରେ ବସ୍ତା ବ୍ଲକରେ ୧୩୨ ମିଲିମିଟର ବର୍ଷା ହୋଇଛି। ଶୁକ୍ରବାର ସନ୍ଧ୍ୟା ୬ଟା ସୁଦ୍ଧା ନଦୀର ଜଳସ୍ତର ୬.୩୯ ମିଟରରେ ପ୍ରବାହିତ ହେଉଥିବା ଜଣାପଡ଼ିଛି। ନଦୀର ଜଳସ୍ତର ବଢ଼ିବା ଯୋଗୁ ଶତାଧିକ ଏକର ଚାଷଜମି ଜଳମଗ୍ନ ହୋଇଛି। ତେବେ ନଦୀର ତଳିଆ ଅଞ୍ଚଳ ଗ୍ରାମରେ ପାଣି ପଶିଥିବାବେଳେ ସେଭଳି କିଛି କ୍ଷୟକ୍ଷତି ହୋଇ ନ ଥିବା ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି।

### ଔପଦା ବେହାଲ୍

**ଔପଦା, ୨୫।୧୦(ଡି.ଏନ.ଏ.)**–ଔପଦା ବ୍ଲକ ସଦର ବଜାର ସମେତ ପ୍ରାୟ ସମସ୍ତ ପଞ୍ଚାୟତ ଲଘୁଚାପଜନିତ ଲଗାଣବର୍ଷାରେ ପ୍ରଭାବିତ ହେବା ସହ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଔପଦା ବଜାର ତଳି ଅଞ୍ଚଳରେ ବର୍ଷା ପାଣି ବୁଡ଼ି ରହିଛି। ସଦର ତଳକିଆ ପଞ୍ଚାୟତ ୟୁକୋ ବ୍ୟାଙ୍କ ପାର୍ଶ୍ୱସ୍ଥ ରାସ୍ତା ବୁଡ଼ି ପାଣି ଚାଲିଛି। ସେହିପରି ଔପଦା ଡାକ୍ତରଖାନା ପରିସରରେ ବର୍ଷା ଜଳ ବୁଡ଼ି ରହି ବନ୍ୟାର ଭ୍ରମ ସୃଷ୍ଟି କରୁଛି। ଡାକ୍ତରଖାନା ପରିସରରେ ଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ପାଣି ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଅନ୍ୟପକ୍ଷରେ ପାହାଡ଼ରୁ ପାଣି ଖସି ଚାଷ ଜମି ଜଳ ପ୍ଲାବିତ ହେବା ସହ ପବନରେ ଶୋଇଯାଇଥିବା ଧାନଗଛ ଉପରେ ବନ୍ୟା ପାଣି ଢେଉ ଖେଳୁଛି। ଚାଷୀର ଚାଷ ଉଜୁଡିଯିବା ଚିନ୍ତାରେ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି।

### ଘରେ ପଶିଲା ପାଣି

**ସଜନାଗଡ଼, ୨୫।୧୦(ଡି.ଏନ.ଏ.)**–ବାଲେଶ୍ୱର ଜିଲା ନୀଳଗିରିରେ ଲଗାଣ ବର୍ଷା ଯୋଗୁ ନୀଳଗିରି ବ୍ଲକର ଗରଡ଼ିହି ପଞ୍ଚାୟତ ବାଙ୍କିସାହି ଗ୍ରାମର ଖଗେଶ୍ୱର ଗିରି, ଉମାକାନ୍ତ ଗିରି ଓ ଶଙ୍କିରି ଦାସଙ୍କ ଘରେ ପାଣି ପଶିଯାଇଛି। ଭୟରେ ପିଲାମାନେ ଘରେ ନ ରହି ପଡ଼ୋଶୀ ଘରେ ରାତ୍ରିଯାପନ କରିଥିଲେ। ତେବେ ୩ ପରିବାର ଏବେ ଭୟରେ କାଳାତିପାତ କରୁଛନ୍ତି।

### ଗଛ ପଡି ଦୋକାନ ଘର ଭାଙ୍ଗିଲା

**ଖଇରା, ୨୫।୧୦(ଡି.ଏନ.ଏ.)**–ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବର୍ଡନା ବଜାରରେ ଗୁରୁବାର ରାତିରେ ୨ଟି ପୁରୁଣା ଗଛ ଉପୁଡି ପଡିବା ଯୋଗୁ ୫ଟି ଦୋକାନ ଘର ଭାଙ୍ଗିଯାଇଛି । କ୍ଷତିଗ୍ରସ୍ତ ଦୋକାନୀମାନେ ହେଲେ ବାବୁରାମ ସାହୁ, ଭାସ୍କର ବେହେରା, ଦିବାକର ବେହେରା, ସୁଶୀଲ ସାହୁ ଏବଂ ମଙ୍ଗୁଲୁ। ପୂର୍ତ୍ତ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଠିକାଦାର ରାସ୍ତା ନିର୍ମାଣ ବେଳେ ଗୋଟିଏ ବରଗଛ ଓ ଅନ୍ୟ ଏକ ଆମ୍ବ ଗଛମୂଳକୁ ଅଧା ଖୋଳି ଛାଡିଦେବାରୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ଦୋକାନୀମାନେ ଅଭିଯୋଗ କରିଛନ୍ତି।




# ଶହେ ବର୍ଷର ବିଦ୍ୟାଳୟ କାନ୍ଥ ଭୁଶୁଡ଼ିଲା

**ବାହାନଗା, ୨୫।୧୦(ଡି.ଏନ.ଏ.)**

ଲଘୁଚାପ ଜନିତ ଲଗାଣ ବର୍ଷାରେ ବାହାନଗା ବ୍ଲକ ଅଭଣା ପଞ୍ଚାୟତର ବରଜଦେଉଳି ଗ୍ରାମରେ ଥିବା ଶହେ ବର୍ଷର ପୁରୁଣା ଉନ୍ନୀତ ଉ.ପ୍ରା.ବିଦ୍ୟାଳୟର କାନ୍ଥ ଭୁଶୁଡି ପଡିଛି। ତେବେ ରାତିରେ ଏଭଳି ଦୁର୍ଘଟଣା ଘଟିଥିବାରୁ କାହାରି କିଛି କ୍ଷତି ହୋଇନାହିଁ। ଏହି ବିଦ୍ୟାଳୟ ୧୯୧୯ ମସିହାରେ ପ୍ରତିଷ୍ଠା ହୋଇଥିଲା। ବିଦ୍ୟାଳୟରେ ୧ମରୁ ୭ମ ପର୍ଯ୍ୟନ୍ତ ପାଠ ପଢାଯାଇଥାଏ । ବିଦ୍ୟାଳୟରେ ୧୨୦ଜଣ ଛାତ୍ରୀଛାତ୍ର ପାଠ ପଢନ୍ତି। ସରକାର ତରଫରୁ ୨ଟି ପକ୍କା ଘର ଯୋଗାଇ ଦିଆଯାଇଥିଲେ ମଧ୍ୟ ସେଥିମଧ୍ୟରୁ



ଗୋଟିଏ ଘରେ ଅଫିସ କାର୍ଯ୍ୟ ଚାଲୁଛି। ଅନ୍ୟଟିରେ ପାଠ ପଢାଯାଇଥାଏ। ତେବେ ମାଟି କାନ୍ଥ ଥିବା ୩ ଶ୍ରେଣୀଗୃହର କାନ୍ଥ ପୂର୍ବରୁ ବିପଦସଙ୍କୁଳ ଅବସ୍ଥାରେ ଥିଲା। ଏନେଇ ବିଦ୍ୟାଳୟ ତରଫରୁ ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କେହି ପ୍ରତିକାର ନିମନ୍ତେ ପଦକ୍ଷେପ ନେଇ ନ ଥିଲେ । ତେବେ ୭ ଶ୍ରେଣୀ ପାଇଁ ଆବଶ୍ୟକ ଶ୍ରେଣୀ ଗୃହ ନ ଥିବାରୁ ଛାତ୍ରୀଛାତ୍ରମାନେ ବାରଣ୍ଡାରେ ବସି ପାଠ ପଢୁଥିଲେ । ଗୁରୁବାର ରାତିରେ ୩ ଶ୍ରେଣୀ ଗୃହ କାନ୍ଥ ସମ୍ପୂର୍ଣ୍ଣ ଭୁଶୁଡି ପଡିଥିଲେ ମଧ୍ୟ କେହି ନ ଥିବାରୁ ଏକ ବଡଧରଣର ବିପଦ ଟଳିଯାଇଛି।

# ଜଳଘେରରେ ବହୁ ଗ୍ରାମ

**ଜଳେଶ୍ୱର, ୨୫।୧୦**

ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପ ପ୍ରଭାବରେ ୩ ଦିନ ଧରି ସାରା ରାଜ୍ୟରେ ବର୍ଷା ଲାଗି ରହିଛି। ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ନାମ୍ପୋ, ଖାଲିନା, ସିମିଳିଆ, ସୁଗୋ, ବାଣିଦା, ନେତୁଆ, ପଶ୍ଚିମବାଡ଼, କାଳିକାପୁର, ବାଇଗଣବାଡ଼ିଆ, ଦେବକୁମାର, ଆରୁହା, ସରସିଦା, ରାୟାରାମଚନ୍ଦ୍ରପୁର, ମାଳଗଡ଼ିଆ, ଶିଖରପୁର, ଗୁରୁଦାସପୁର, ମାଳିପାଳ, ଦକ୍ଷିଣ ପ୍ରହରାଜପୁର, ବେହେରାସାହି, ଖୁଦିଆମାଝିସାହି, ଓଲମରା, ମାକିଡ଼ିଆ, ହାତିଗଡ, କୁଆଡ଼ ଆଦି ଗ୍ରାମ ଜଳଘେରରେ ରହିଛି। ଜଳେଶ୍ୱର ମ୍ୟୁନିସିପାଲିଟିର ବହୁ ୱାର୍ଡ଼ରେ ରାସ୍ତା ବୁଡ଼ିଯିବା ସହ ତଳିଆ ଅଞ୍ଚଳର ଲୋକମାନଙ୍କର ଘରେ ପାଣି ପଶିଯାଇଥିବା ଦେଖିବାକୁ ମିଳିଛି। ପୌରାଞ୍ଚଳର ରାଜପୁର, ଶେକବାଡ଼, ପଥରପୁରା, ଶାସନବାଡ଼, ପଞ୍ଚୁଘଣ୍ଟା, ଶାନ୍ତିଆ, ଦେଉଳି ପଞ୍ଚୁଘଣ୍ଟା, ନନ୍ଦିକା, ଅଲାଲପୁର, ନହଞ୍ଜରା ପ୍ରଭୃତି ଗ୍ରାମରେ ରାସ୍ତାଘାଟ ବୁଡ଼ିଯିବା ସହ ଲୋକମାନେ ପାଣି ଘେରରେ ରହିଥିବା ଦେଖାଯାଇଛି।


ଜଳେଶ୍ୱର ବ୍ଲକ ରାଇବଣିଆ ଥାନା କାଳିକ ପଞ୍ଚାୟତର ଭଦୁଆ ଗ୍ରାମରେ ଗୁରୁବାର ରାତିରେ ଭୁଶୁଡି ପଡିଥିବା ରବିନାରାୟଣ ବାରିକଙ୍କ ଘର। ଏହି ଘଟଣାରେ ତାଙ୍କର ମୃତ୍ୟୁ ହୋଇଛି।

## ଚାଷଜମି ଜଳମଗ୍ନ

**ଭୋଗରାଇ, ୨୫।୧୦(ଡି.ଏନ.ଏ.)**

ତୁହାକୁ ତୁହା ବର୍ଷା ଫଳରେ ପଶ୍ଚିମବଙ୍ଗର ଦାନ୍ତୁନ, ମହନପୁର, ଏଗ୍ରା ଆଦି ସ୍ଥାନରେ ଉଦ୍‌ବୃତ୍ତ ବର୍ଷାପାଣି ଭୋଗରାଇ ଓ ଜଳେଶ୍ୱର ଅଞ୍ଚଳକୁ ମାଡ଼ି ଆସି ଚାଷଜମି ପ୍ଲାବିତ ହୋଇଛି। ଗ୍ରାମାଞ୍ଚଳର ତଳିଆ ସ୍ଥାନରେ ପାଣିର ସୁଅ ଛୁଟୁଥିବା ବେଳେ ଗମନାଗମନ ବାଧାପ୍ରାପ୍ତ ହୋଇଛି। ବହୁ ନଡ଼ଛପର ଘର ଭାଙ୍ଗିଯିବା ସହିତ ମାଟି କାନ୍ଥଘର ଧସିପଡ଼ିଛି। ଭୋଗରାଇରେ ୧୫୬.୨ମି.ମି. ସମେତ ଜିଲାରେ ୧୫୩୩.୭୦ ମି.ମି. ବର୍ଷା ହୋଇଥିବା ରେକର୍ଡ଼ କରାଯାଇଛି। ଅପରପକ୍ଷରେ ସୁବର୍ଣ୍ଣରେଖା ଉପରମୁଣ୍ଡା ଘାଟଶାଳାରେ ୪୫.୪ମି.ମି., ଫେକଘାଟ ୫୧.୦ମି.ମି., ଜାମଶୂଳା ୫୯.୪ମି.ମି., ଜାମ୍‌ସେଦପୁର ୭୪.୬ମି.ମି. ଓ ରାଜଘାଟରେ ୧୪୦.୨ମି.ମି. ବର୍ଷା ହୋଇଥିବା ସୂଚନା ମିଳିଛି। କମ୍ ପରିମାଣର ବର୍ଷା ହେତୁ ସୁବର୍ଣ୍ଣରେଖାରେ ବନ୍ୟା ଆଶଙ୍କା ନାହିଁ ବୋଲି ସେଚ ବିଭାଗ ପ୍ରକାଶ କରିଛି। ରବିବାର ଅମାବାସ୍ୟା ତିଥି ଥିବାରୁ ସମୁଦ୍ର ଜୁଆରିଆ ଓ ଉତ୍ତାଳ ରହିଛି। ସମୁଦ୍ରକୁ ନ ଯିବାକୁ ମତ୍ସ୍ୟଜୀବୀ ଓ ପର୍ଯ୍ୟଟକଙ୍କୁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି।

## ୧୦୮ ଆମ୍ବୁଲାନ୍ସ ପ୍ରହସନ
# ଘରୋଇ ଭ୍ୟାନ୍ ଭରସା

**ରୂପ୍‌ସା, ୨୫।୧୦(ଡି.ଏନ.ଏ.)**

ଠିକ୍ ସମୟରେ ରୋଗୀଙ୍କୁ ୧୦୮ ଆମ୍ବୁଲାନ୍ସ ସେବା ମିଳୁ ନ ଥିବା ଅଭିଯୋଗ ହୋଇଛି। ସରକାରଙ୍କର ଏହି ଯୋଜନା ଦିଗହରା ହୋଇଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ବାରମ୍ବାର ଫୋନ୍ କଲା ପରେ ବି ୧୦୮ ଆମ୍ବୁଲାନ୍ସ ଉପଲବ୍ଧ ନ ଥିବା କାର୍ଯ୍ୟାଳୟରୁ କୁହାଯିବା ପରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଗରିବ ଖଟିଖିଆ ଶ୍ରେଣୀ ସମେତ ରୋଗୀଙ୍କ ପରିବାରଙ୍କୁ ଘରୋଇ ଭ୍ୟାନ୍ ଉପରେ ଭରସା କରିବାକୁ ପଡୁଛି। ଏଭଳି ଏକ ଘଟଣା ଘଟିଛି ବାଲେଶ୍ୱର ଜିଲା ରୂପ୍‌ସା ଥାନା ଓଡ଼ିଆଶାସନ ଗ୍ରାମରେ। ଏହି ଗ୍ରାମର ଅନାଦି ମହାନ୍ତିଙ୍କ ସ୍ତ୍ରୀ କର୍କଟ ରୋଗରେ ପୀଡିତ ଅଛନ୍ତି। ସେ କିଛିଦିନ ତଳେ କଟକ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ରରେ ଅପରେଶନ ହୋଇ ଚିକିତ୍ସାଧୀନ ଥିଲେ। ଡିସ୍‌ଚାର୍ଜ ପରେ ସେ ଘରେ ରହି ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଗତ ୨୩ତାରିଖରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ପରିବାର ଲୋକେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବା ପାଇଁ ବାରମ୍ବାର ୧୦୮ ଆମ୍ବୁଲାନ୍ସ ସେବା ପାଇଁ ଫୋନ୍ କରିଥିଲେ। ମାତ୍ର ସେଦିନ କୌଣସି ଆମ୍ବୁଲାନ୍ସ ଉପଲବ୍ଧ ନ ଥିବା କାର୍ଯ୍ୟକର୍ତ୍ତା କହିବା ପରେ ତାଙ୍କୁ ମେଡ଼ିକାଲ ନିଆଯାଇ ପାରି ନ ଥିଲା। ପୁଣି ୨୪ ତାରିଖ ସକାଳେ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରାଯିବା ପରେ ଅଫିସ୍‌ରୁ ସେହି ସମାନ ଉତ୍ତର ମିଳିଥିଲା। ରୋଗୀଙ୍କୁ ଷ୍ଟ୍ରେଚର ବିନା କୌଣସି ଘରୋଇ ଭ୍ୟାନ୍‌ରେ ନିଆଯିବା ସମ୍ଭବ ନୁହେଁ ବୋଲି ପରିବାର ପକ୍ଷରୁ କୁହାଯାଇଥିଲେ ହେଁ ୧୦୮ ଅଫିସ୍‌ରୁ ଆମ୍ବୁଲାନ୍ସ ଉପଲବ୍ଧ ନାହିଁ ବୋଲି କୁହାଯାଇଥିଲା। ଫଳରେ ବାଧ୍ୟ ହୋଇ ପରିବାର ଲୋକେ ଏକ ଘରୋଇ ଭ୍ୟାନ୍‌ରେ ରୋଗୀଙ୍କୁ ନେଇ ବାଲେଶ୍ୱର ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ତେବେ ଠିକ୍ ସମୟରେ ଆମ୍ବୁଲାନ୍ସ ସେବା ମିଳୁ ନ ଥିବାରୁ ସରକାରଙ୍କ ଏହି ସେବା ଯୋଜନା ପ୍ରହସନ ବୋଲି ସାଧାରଣରେ ଆଲୋଚନା ହେଉଛି। ତୁରନ୍ତ ରାସ୍ତାରୋକୋ ଆନ୍ଦୋଳନ ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

### ମହିଳାଙ୍କୁ ନିର୍ଯାତନା ଅଭିଯୋଗ

**ସୋର, ୨୫।୧୦(ଡି.ଏନ.ଏ.)**

ସୋର ନେସ୍କୋ ଡିଭିଜନ୍‌ରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ଉକ୍ତ ମହିଳା ଖନ୍ତାପଡା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଉଚ୍ଛାପୁର ଗ୍ରାମର ଲଳିତ କୁମାର ଉପାଧ୍ୟାୟଙ୍କ ନାମରେ ମାମଲା (ନଂ. ୫୧୦/୧୯) ରୁଜୁ କରିଛି।

### ବନ ବିଭାଗ ଦ୍ୱାରା ଜଣେ ଗିରଫ

**ସଜନାଗଡ଼, ୨୫।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଜାମୁଡ଼ିହା ପଞ୍ଚାୟତ ବଣଭୂଇଁ ଗ୍ରାମର ମଧୁ ଦେହୁରୀ (୪୭) ନାମକ ବ୍ୟକ୍ତି ଗୁରୁବାର ସନ୍ଧ୍ୟାରେ ଆଶ୍ରମ ନିକଟରେ ଏକ ବିରାଟ ଶାଗୁଆନ ଗଛକୁ କାଟୁଥିବାବେଳେ ବନ ବିଭାଗ ହାତରେ ଧରାପଡିଛନ୍ତି। ତାଙ୍କଠାରୁ କରତ ଜବତ କରାଯାଇଛି। ଏନେଇ ନୀଳଗିରି ବନ ବିଭାଗରେ ମାମଲା (ନଂ. ୧୯ ଏନ୍/୨୦୧୯-୨୦) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ନୀଳଗିରି ରେଞ୍ଜର ରୁଦ୍ରାନନ୍ଦ ବାରିକଙ୍କ ନିର୍ଦ୍ଦେଶରେ ସଜନାଗଡ଼ ଫରେଷ୍ଟର ସରୋଜ ପ୍ରଧାନ, ଗାର୍ଡ ଜୟଦେବ ମଲ୍ଲିକ ଓ ସବୁଜବାହିନୀ ଚଢ଼ାଉ କରିଥିଲେ।

# ସୁବର୍ଣ୍ଣରେଖା ନଦୀରେ ବନ୍ୟା ଜଳ

**ବାଲିଆପାଳ, ୨୫।୧୦(ଡି.ଏନ.ଏ.)**

ସୁବର୍ଣ୍ଣରେଖା ନଦୀର ଉପର ମୁଣ୍ଡରେ ପ୍ରବଳ ବର୍ଷା ଓ ତଳିଆ ଅଞ୍ଚଳରେ ପ୍ରାୟ ୩ ଦିନ ଧରି ବର୍ଷା ବିପ୍ରାତ ଯୋଗୁ ଶୁକ୍ରବାର ସୁବର୍ଣ୍ଣରେଖା ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଛି । ବନ୍ୟା ହେଲେ ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା, ଅସ୍ତି, ନିଖିରା, ଘଣ୍ଟୁଆ, କୁମ୍ଭାରୀ ଆଦି ୮ଟି ପଞ୍ଚାୟତର ୩୨ଟି ଗ୍ରାମ ଜଳମଗ୍ନ ହେବ। ସେହିପରି ବାଲିଆପାଳ ବିଷ୍ଣୁପୁର ରାସ୍ତାର ତଳ ବାଲିଆପାଳ ଚଟାଣରେ ଉପରେ ବନ୍ୟା ପାଣି ପ୍ରବାହିତ ହୋଇପାରେ । ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚମାନଙ୍କୁ ଏ ଦିଗରେ ସଜାଗ ରହିବା ସହିତ ଆବଶ୍ୟକ ସ୍ଥଳେ ଡଙ୍ଗା ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମୋଟର ଲଞ୍ଚ, ଦେଶୀ ଡଙ୍ଗାର ସହାୟତା ନେବା ଲାଗି କୁହାଯାଇଛି ବୋଲି ବିଡିଓ ପ୍ରକାଶ କରିଛନ୍ତି । ନଦୀର ଜଳ ପତନ ରାଜଘାଟଠାରେ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି । ସେଠାରେ ସତର୍କ ସୂଚନା ହେଉଛି ୯.୪୫ ଓ ବିପଦ ସଙ୍କେତ ୧୦.୩୬ ମିଟର।

# ୫୨ ରିକ୍ସା ଚାଳକ ସମ୍ବର୍ଦ୍ଧିତ

**ବାଲେଶ୍ୱର ଅଫିସ, ୨୫।୧୦**

ବାଲେଶ୍ୱର ଜିଲା ରୋଟାରୀ କ୍ଲବର ୫୨ବର୍ଷ ପୂର୍ତ୍ତି ଉପଲକ୍ଷେ କ୍ଲବ ପରିସରରେ ଶୁକ୍ରବାର ପୂର୍ବାହ୍ନରେ କ୍ଲବ ପକ୍ଷରୁ ୫୨ଜଣ ରିକ୍ସା ଚାଳକଙ୍କୁ



ଜିଲାପାଳ ରିକ୍ସା ଚାଳକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ସେମାନଙ୍କରେ ଦାୟିତ୍ୱ, ଟ୍ରାଫିକ୍ ସଚେତନତା ସମ୍ପର୍କରେ ଅବଗତ କରାଇ ବିଭିନ୍ନ ସାମଗ୍ରୀ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗଦେଇ ଲୋକମାନଙ୍କୁ ସହାୟତା କରିବା ସହ ନିଶାମୁକ୍ତ ରହିବା ପାଇଁ ପରାମର୍ଶ ଦେଇଥିଲେ।

କ୍ଲବ ସଭାପତି ଡ. ମାତୃଦତ୍ତ ଦାସ ପରିଚାଳନା କରିଥିବା ବେଳେ ବରିଷ୍ଠ ରୋଟାରିୟାନ୍ ସୁବ୍ରତ କର, ଭି. ଉଦୟ କୁମାର, ପରେଶ ଗାଆନ୍, ସୌରଭ ବେହେରା, ସୁଖମଇ ଦାସ, ଆଦିତି ଭରଦ୍ୱାଜ ଓ ରଣବିଜୟ ଭରଦ୍ୱାଜ ପ୍ରମୁଖ ସଦସ୍ୟମାନେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ବର୍ଷାପାଣିରେ କାର୍ଯ୍ୟାଳୟ ଉବୁଟୁବୁ

**ଘସିପୁରା,୨୫।୧୦(ଡି.ଏନ.ଏ.)-** ସମାନ୍ୟ ବର୍ଷାରେ ଶାଳପଡ଼ାରେ ଥିବା ଆନନ୍ଦପୁର ଉପଖଣ୍ଡର ବିଏସଏନଏଲ ମୁଖ୍ୟ କାର୍ଯ୍ୟାଳୟ ପରିସର ଆଣ୍ଠୁଏ ପାଣିରେ ବୁଡ଼ି ରହୁଛି। ବର୍ଷାପାଣି ନିଷ୍କାସନର ସୁବିଧା ନ ଥିବାରୁ ଏଠାରେ ଏଭଳି ପରିସ୍ଥିତି ଉପୁଜୁଛି। ରାସ୍ତାଘାଟ ଓ ଡ୍ରେନେଜ ନିର୍ମାଣରେ ସରକାର ଅନେକ ଅର୍ଥ ଖର୍ଚ୍ଚ କରୁଥିଲେ ମଧ୍ୟ ତାହାର ସୁଫଳ ଦେଖିବାକୁ ମିଳୁ ନାହିଁ। ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ସାମାନ୍ୟ ବର୍ଷା ହେଲେ କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ପାଣି ଜମି ରହୁଛି। ଫଳରେ ଏହି କାର୍ଯ୍ୟାଳୟକୁ ଯାତାୟତ କରିବାରେ କର୍ମଚାରୀ ଓ ଉପଭୋକ୍ତା ନାହି ନ ଥିବା ଅସୁବିଧା ଭୋଗୁଛନ୍ତି ।

### ରାଜନୀତି ବିଭାଗରେ ସ୍ୱାଗତ ଉତ୍ସବ

**ହାଟଡିହୀ,୨୫।୧୦(ସ୍ୱ.ପ୍ର.)-** କେନ୍ଦୁଝର ଜିଲା ହଟଡିହୀ ବ୍ଲକ ଅନ୍ତର୍ଗତ ସ୍ଥାନୀୟ ଆଞ୍ଚଳିକ ମହାବିଦ୍ୟାଳୟ ରାଜନୀତି ସମ୍ମାନ ବିଭାଗରେ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ କୃଷ୍ଣ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଯୁକ୍ତ ୩ର ୨ୟ ଓ ୩ୟ ବର୍ଷର ଛାତ୍ରୀଛାତ୍ରମାନେ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଓ ଉପହାରମାନଦେଇ ସ୍ୱାଗତ କରିଥିଲେ । ରାଜନୀତି ବିଭାଗ ମୁଖ୍ୟ ପ୍ରାଧାପକ ବିଜୟ କୁମାର ନାୟକ ଓ ଅଧାପକ ବୃନ୍ଦାବନ ଓଝା ଉକ୍ତ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ଅଧାପକ ଜିମୁତ ବରଣ ଦାସ, ଚିତ୍ତରଞ୍ଜନ ରାଉତ, ରବି ନାରାୟଣ ବିଶ୍ୱାଳ, ହେମନ୍ତ କୁମାର ସାହୁ, ବୀରଭଦ୍ର ପ୍ରଧାନ, ହଳଧର ଦାସ, ଚକ୍ରଧର ଦାସ, ରବୀନ୍ଦ୍ର କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ନୋ ଏଣ୍ଟ୍ରି ଜୋନ୍‌ରେ ଚାଲିଛି ଭାରିଯାନ

**ଚମ୍ପୁଆ, ୨୫।୧୦(ଡି.ଏନ.ଏ.)** କେନ୍ଦୁଝର ଜିଲା ଚମ୍ପୁଆଠାରୁ ବାସୁଦେବପୁର ରୋଡରେ ଭାରିଯାନ ଚଳାଚଳ ଉପରେ ଅଙ୍କୁଶ ଲାଗିଥିଲେ ମଧ୍ୟ ଦୈନିକ ଶତାଧିକ ଗାଡି ବିନା ବାଧାରେ ଚଳାଚଳ କରୁଛି। ଏଥିଲାଗି ବାସୁଦେବପୁରଠାରୁ ଚମ୍ପୁଆ ଯାଏ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରାସ୍ତାର କେତେକ ସ୍ଥାନର ଅବସ୍ଥା ଖାଲଖମା ହୋଇ ବର୍ଷାପାଣି ଜମୁଥିବା ଦେଖାଯାଉଛି। ପୂର୍ତ୍ତ ବିଭାଗ ପକ୍ଷରୁ ଜନସାଧାରଣ ଓ ଯାତ୍ରୀବାହୀ ଯାନ ପାଇଁ ଚମ୍ପୁଆ ମହାବୀର ଏବଂ ବାସୁଦେବପୁର ଛକଠାରେ ସୂଚନା ବୋର୍ଡ ଯୋଗେ ସ୍ଥାନର ନାମ ଓ ଦୂରତା ଲେଖାଯାଇଛି। ମାତ୍ର ଯୋଡା ବଡବିଲ ଅଞ୍ଚଳରୁ ଝାଡଖଣ୍ଡକୁ ଖଣିଜ ପରିବହନ କରୁଥିବା ଭାରିଯାନ ଏବଂ ଝାଡଖଣ୍ଡରୁ ଯୋଡା ବଡବିଲ ଅଞ୍ଚଳକୁ ଯାଉଥିବା ଭାରିଯାନଗୁଡିକୁ ରିମୁଲି ଦେଇ ଯିବାର ନିୟମ ଥିଲେ ମଧ୍ୟ ଏହି ସୂଚନା ଫଳକ ଗାଡି ଚାଳକଙ୍କୁ ଦ୍ୱନ୍ଦ୍ୱରେ ପକାଉଛି। ଏଥିଲାଗି ଦୈନିକ ବହୁ ଭାରିଯାନ ଖଣିଜ ପଦାର୍ଥ ବହନ କରି ବାସୁଦେବପୁରରୁ ଚମ୍ପୁଆ ଦେଇ ନୋ ଏଣ୍ଟ୍ରି ଜୋନରେ ଯାତାୟାତ କରୁଥିବା କେତେକ ଚାଳକ କହିଛନ୍ତି। ଅନ୍ୟପକ୍ଷେ ରିମୁଲି ଦେଇ ଯାତାୟାତ କଲେ ୧୫ କି.ମି. ରୁ ଊର୍ଦ୍ଧ୍ୱ ରାସ୍ତା ବୁଲିବାକୁ ପଡୁଥିବା ବେଳେ ବାସୁଦେବପୁରରୁ ଚମ୍ପୁଆ ରାସ୍ତା ଦେଇ ଗଲେ ୧୫ କି.ମି. ଦୂରତା କମ୍ ପଡୁଛି। ଏଥିଲାଗି ଜାଣିଶୁଣି ଅନେକ ଭାରିଯାନ ରାତି ବେଳା ଏହି ରାସ୍ତାରେ ଯାତାୟାତ କରୁଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାପାଇଁ ସେମାନେ ଦାବି କରିଛନ୍ତି।

# ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ

**ତେଲକୋଇ,୨୫।୧୦(ଡି.ଏନ.ଏ.)** କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଅନ୍ତର୍ଗତ କରଦାଙ୍ଗୀ ପଞ୍ଚାୟତରେ ଥିବା ଉଚ୍ଚ ବିଦ୍ୟାଳୟ ସମସ୍ୟାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳ ଆଶିଷ ଠାକ୍‌ରେ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟାଳୟ କମିଟି ସଭାପତି ମାଧବ ନାୟକ, ସ୍ଥାନୀୟ ସରପଞ୍ଚ ଦୁଶିଲ ସିଙ୍କୁ, ଅଭିଭାବକ ମାୟାଧର ମହାନ୍ତ, ଶିକ୍ଷକ ପ୍ରତିନିଧି ଲକ୍ଷ୍ମୀକାନ୍ତ ମହାନ୍ତ, ଲିନା ପ୍ରଧାନ ପ୍ରମୁଖ ସୋମବାର ତେଲକୋଇ ବ୍ଲକରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମକୁ ଯାଇ ଜିଲାପାଳଙ୍କୁ ଭେଟି ଅଭିଯୋଗ ଉପସ୍ଥାପନ କରିଥିଲେ। ଗତ ଅଗଷ୍ଟରୁ ବିଦ୍ୟାଳୟରେ ପ୍ରଶାସନିକ ଅଚଳାବସ୍ଥା ଦେଖାଦେବା ସହ ପାନୀୟଜଳ ଯୋଗାଣ ବ୍ୟାହତ ହେବା ଯୋଗୁଁ ଅନ୍ତେବାସୀ ଛାତ୍ରୀମାନେ କିଭଳି ନିକଟସ୍ଥ ଝରଣା ଉପରେ ନିର୍ଭର କରୁଛନ୍ତି ଏଭଳି ବିଭିନ୍ନ ସମସ୍ୟା ଦର୍ଶାଇଥିଲେ।










## ସଂକ୍ଷେପରେ

### ମେଧାବୃତ୍ତି ପାଇବେ ୭ ଛାତ୍ରୀଛାତ୍ର

ପାଟଣା,୨୫।୧୦(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ବ୍ଲକ ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏହି ମେଧାବୃତ୍ତି ପାଇବାକୁ ପାଟଣା ଅଞ୍ଚଳର ୭ ଛାତ୍ରୀଛାତ୍ର ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନେ ତୁରୁମୁଙ୍ଗା ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ଛାତ୍ର ଏଚ ବି ଜ୍ୟୋତିସ୍ମାନ ପାଲ, ପାଟଣା ସରସ୍ୱତୀଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ବିଦ୍ୟୁସ୍ମିତା ମହାନ୍ତ, କେତାଙ୍ଗ ସିଦ୍ଧ ବିନାୟକ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ଜ୍ଞାନ ପ୍ରକାଶ ମହାନ୍ତ, ପାଟଣା ସରସ୍ୱତୀ ଶିଶୁମନ୍ଦିରର ଛାତ୍ର ଧୃତି ସୁନ୍ଦର ମହାନ୍ତ, କେତୋଙ୍ଗ ସିଦ୍ଧବିନାୟକ ଶିଶୁମନ୍ଦିର ଛାତ୍ରୀ ଗାର୍ଗୀ ରୁପା ମହାନ୍ତ, ଖୁଣ୍ଟାପଡା ଓଡିଶା ଷ୍ଟେଟ ବ୍ରିଗେଡ ସ୍କୁଲର ଦେବତୋଷ ନାଏକ ଓ ପାଟଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଏ ଅର୍ପିତା ବୋଲି ପାଟଣା ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଓମାତ ସୂଚନା ଦେଇଛନ୍ତି।

### ଅମାନତ ଅର୍ଥରାଶି ହଡ଼ପ ନେଇ ଚର୍ଚ୍ଚା

ହାଟଡ଼ିହୀ, ୨୫।୧୦ (ଡି.ଏନ.ଏ ) - କେନ୍ଦୁଝର ଜିଲା ହାଟଡିହୀ ବ୍ଲକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଲାଗି ଜମା ରହୁଥିବା ଅମାନତ ଅର୍ଥରାଶି ହଡ଼ପ ହେବା ଘଟଣା ଏବେ ଚର୍ଚ୍ଚାକୁ ଆସିଛି। ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଏ ନେଇ ଟ୍ୱିଟ୍ କରି କେନ୍ଦୁଝର ଜିଲା ପ୍ରଶାସନ, ପଞ୍ଚାୟତରାଜ ବିଭାଗ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଏହାର ତଦନ୍ତ ଦାବି କରିଛନ୍ତି। ଉଲ୍ଲେଖନୀୟ ଯେ,ବିଭିନ୍ନ ଉନ୍ନୟନ କାର୍ଯ୍ୟର ବ୍ୟୟ ଅଟକଳ ଅନୁଯାୟୀ ମୋଟ ଅନୁଦାନରୁ ୨ ଓ ୩ ପ୍ରତିଶତ ଟଙ୍କା ଅମାନତ ଆକାରରେ ଜମା ରହିଥାଏ। ବିଭାଗ ପକ୍ଷରୁ ହେଉଥିବା କାମରେ କାର୍ଯ୍ୟାଦେଶ ଦିଆଯାଇଥିବା ସରକାରୀ କର୍ମଚାରୀଙ୍କ ନାମରେ ଏହିଅମାନତ ଅର୍ଥ ରହିଥାଏ। ଅଡିଟ ସରିବା ପରେ ଉକ୍ତ ଅର୍ଥରାଶି ବିଲ୍ କରି ଉଠାଯାଇଥାଏ। ସମ୍ପ୍ରତି ଦଶହରା ପୂଜା ପୂର୍ବରୁ ଏଭଳି ଜମା ଥିବା ପ୍ରାୟ ୫ ଲକ୍ଷ ଟଙ୍କା ଉଠାଯାଇଥିବା କୁହାଯାଉଛି। ଏଥିରେ ଚଞ୍ଚକତା କରି ଜଣେ ଅଧିକାରୀ ଜମାନତ ଅର୍ଥରାଶି ନେଇଯାଇ ବଡବଡିଆଙ୍କୁ ବଣ୍ଟନ କରିଥିବା ଟ୍ୱିଟରେ ଦର୍ଶାଯାଇଛି। ଗତ ଶୁକ୍ରବାର ଜଣେ କର୍ମଚାରୀ ନିଜ ନାମକୁ ଗୋପନ ରଖିବାକୁ ଅନୁରୋଧ କରି ଏପରି ଅଭିଯୋଗ ସାଧାରଣରେ ଆଣିବା ପରେ ଏହାକୁ ନେଇ ଟ୍ୱିଟ୍ କରାଯିବା ସବୁଠି ଚର୍ଚ୍ଚାର ବିଷୟ ହୋଇଛି। ଏସମ୍ପର୍କରେ ବିଡିଓ ସୁଶାନ୍ତ ବାରିକଙ୍କୁ ପଚାରିବାରୁ ସେଭଳି କିଛି ଘଟଣା ହେଇନି ଏବଂ କେହି ତାଙ୍କ ଦୃଷ୍ଟିକୁ ଆଣିନି ବୋଲି କହିଛନ୍ତି।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ବିପଦସଙ୍କୁଳ ସ୍ଥିତିରେ କାନଝାରୀ ଡ୍ୟାମ୍

କେନ୍ଦୁଝର, ୨୫।୧୦(ଡି.ଏନ.ଏ.)



■ଭାରିଯାନ ଚଳାଚଳ ନିଷେଧ ଫଳକ ଲାଗିବା ସତ୍ତ୍ୱେ ଦୈନିକ ଚାଲୁଛି ଶତାଧିକ ଭାରି ଯାନ

■ଦୁର୍ବଳ ହୋଇଯାଉଛି ମାଟିବନ୍ଧର ସ୍ଥିତି

କେନ୍ଦୁଝର ସଦର ବ୍ଲକରେ ପ୍ରାୟ ୩୯ ବର୍ଷ ତଳେ ନିର୍ମିତ କାନଝାରୀ ଡ୍ୟାମର ସ୍ଥାୟିତ୍ୱ ନେଇ ଚାଷୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ୨୦୧୧ରେ ଡ୍ୟାମ୍ ନିମ୍ନଭାଗରେ ଥିବା ରାସ୍ତାରେ ଲୁହା ପୋଲ ବନ୍ୟା ଜଳରେ ଭାସିଯିବା ପରଠାରୁ ସମସ୍ତ ଯାନବାହାନ ସେବେଠାରୁ ଡ୍ୟାମ୍ ଉପର ଦେଇ ଚଳାଚଳ କରୁଛି। ମାଟି ତିଆରି ବନ୍ଧ ଉପରେ ଭାରିଯାନ ଚଳାଚଳ ନିଷେଧ ବୋଲି ପ୍ରବେଶ ସ୍ଥଳରେ ଏକ ଫଳକ ଲାଗିଥିଲେ ବି ଟ୍ରକ୍, ହାଇୱା, ଟ୍ରାକ୍ଟର ଭଳି ଭାରି ଯାନ ଅବାଧରେ ଚଳାଚଳ କରୁଛି। ଏହା ମାଟିବନ୍ଧର ସ୍ଥିତିକୁ ଅଧିକ ଦୁର୍ବଳ କରିଦେଉଥିବା ସ୍ଥାନୀୟ ଅଞ୍ଚଳର ଚାଷୀ ଅଭିଯୋଗ କରିଛନ୍ତି।

ଉଲ୍ଲେଖନୀୟ ଯେ, ୧୯୭୯-୮୦ ମସିହାରେ କାନ୍‌ଝାରୀ ମଧ୍ୟମ ସେଚ ପ୍ରକଳ୍ପ ନିର୍ମାଣ ବେଳେ କେନ୍ଦୁଝର ସଦର,ପାଟଣା ଓ ଘଟଗାଁ ବ୍ଲକର ୧୧ପଞ୍ଚାୟତର ୯୬ ଗ୍ରାମର ୧୦ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଚାଷଜମିକୁ ଜଳସେଚନର ସୁବିଧା ଯୋଗାଇ ଦେବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରଠାରୁ ୩ ବ୍ଲକର ଚାଷୀ ଏହାଉପରେ ନିର୍ଭର କରି ବର୍ଷର ବିଭିନ୍ନ ସମୟରେ ଧାନଠାରୁ ଆରମ୍ଭ କରି ପନିପରିବା ଓ ଅନ୍ୟାନ୍ୟ ଫସଲ ଚାଷ କରି ଆସୁଛନ୍ତି। କେନ୍ଦୁଝର ସହରକୁ ପାନୀୟ ଜଳ ଯୋଗାଣ ଲାଗି ଡ୍ୟାମ୍‌ରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଏବେ ଶେଷ ଅବସ୍ଥାରେ ପହଞ୍ଚିଛି। ଏଭଳି ସ୍ଥିତିରେ ଜଳସେଚନ ବ୍ୟବସ୍ଥାକୁ ସଶକ୍ତ କରିବା ଲାଗି ଏହାର ଦୁଇଟି ଯାକ ମୁଖ୍ୟ କେନାଲର ରକ୍ଷଣାବେକ୍ଷଣ ଓ ମରାମତି କାର୍ଯ୍ୟ ଏସିଆନ୍ ଉନ୍ନୟନ ବ୍ୟାଙ୍କ ସହାୟତାରେ ଗତ ରବି ଋତୁରେ କରାଯାଇଥିଲା। ନିର୍ମାଣ କାର୍ଯ୍ୟ ସକାଶେ ଜଳ ଯୋଗାଣ ବନ୍ଦ ରଖାଯିବାରୁ ସେଚାଞ୍ଚଳରେ ରବି ଚାଷ ହୋଇପାରି ନ ଥିଲା। ଡ୍ୟାମ ନିକଟସ୍ଥ ପୋଲ ଓ ରାସ୍ତା ବନ୍ୟାରେ ଧୋଇ ହୋଇଯିବା ପରଠାରୁ ମୂଳ ରାସ୍ତା ଓ ପୋଲ ତିଆରି କରି ଗମନାଗମନ ସୁବିଧା କରିବାକୁ ଅଞ୍ଚଳବାସୀ ଦାବି କରି ଆସୁଛନ୍ତି। ହେଲେ ଏଥିପ୍ରତି କାହାର ନଜର ପଡୁ ନ ଥିବାରୁ ମାଟିବନ୍ଧରେ ଯାନବାହାନ ଅବାଧରେ ଚଳାଚଳ କରୁଛି ବୋଲି ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ଏହି କାରଣରୁ ମାଟିବନ୍ଧରେ ଆଭ୍ୟନ୍ତରୀଣ ଫାଟ ସୃଷ୍ଟି ହୋଇଥିବା ଆଶଙ୍କା କରାଯାଉଛି। ଡ୍ୟାମର ସୁରକ୍ଷା ପ୍ରତି କର୍ତ୍ତୃପକ୍ଷ ଆଖି ବୁଜି ନୀରବଦ୍ରଷ୍ଟା ସାଜିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବେଳ ଥାଉ ଥାଉ ସତର୍କ ନ ହେଲେ କେତେବେଳେ ବି ଅଘଟଣ ଘଟିପାରେ ବୋଲି କାନ୍‌ଝାରୀ ନିକଟସ୍ଥ ବାସିନ୍ଦା ଆଶଙ୍କା ବ୍ୟକ୍ତ କରି ବିଶେଷଜ୍ଞଙ୍କ ଦ୍ୱାରା ସ୍ଥିତି ଯାଞ୍ଚ କରାଯାଉ ବୋଲି ଦାବି କରିଛନ୍ତି। ଏ ସମ୍ପର୍କରେ କାନଝାରୀ କନିଷ୍ଠ ଯନ୍ତ୍ରୀ ନରେନ୍ଦ୍ର ନାଏକଙ୍କୁ ପଚାରିବାରୁ କହିଛନ୍ତି, ଡ୍ୟାମ ତଳ ରାସ୍ତାରେ ପୋଲ ନିର୍ମାଣ ଲାଗି ୨ ବର୍ଷ ତଳେ ପ୍ରସ୍ତାବ ଉଚ୍ଚଅଧିକାରୀଙ୍କ ନିକଟକୁ ପଠାଯାଇଛି। ଖୁବଶୀଘ୍ର ଏ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ।

# ଦୁର୍ଗମ ଇଲାକାର ଗାଁ



ବାଉରୀପଦା- କେମ୍ପସଢା ରାସ୍ତା ମରାମତି ବିନା ଶୋଚନୀୟ ହୋଇପଡିଛି।

ରାଇସୁଆଁ, ୨୫।୧୦(ଡି.ଏନ.ଏ.)

କେନ୍ଦୁଝର ଜିଲାର ସଦର ବ୍ଲକ ଅଞ୍ଚଳର କେତେକ ଗାଁ ଗଣ୍ଡା ଆଜି ବି ଦୁର୍ଗମ ଇଲାକା ହୋଇ ରହିଛି। ଏହି ବ୍ଲକ ଅନ୍ତର୍ଗତ ବାଉରୀପଦା -କେମ୍ପସଢା ଗାଁ ରାସ୍ତା ମରାମତି ବିନା ଶୋଚନୀୟ ହୋଇପଡିଛି। ଗ୍ରାମରେ ୫ଶହରୁ ଊର୍ଦ୍ଧ୍ୱ ଜନସାଧାରଣ ବସବାସ କରୁଥିଲେ ମଧ୍ୟ ପକ୍କା ରାସ୍ତା ନିର୍ମାଣ ଦାବି ପ୍ରତି କାହାରି ନଜର ପଡୁ ନାହିଁ। ବର୍ତ୍ତମାନ ବର୍ଷାଦିନେ ରାସ୍ତା ଦୁର୍ଗମ ହୋଇପଡିବାରୁ ବର୍ଷା ହେଲେ ଲୋକେ ଘରୁ ବାହାରି ପାରୁ ନା ଥିବା ଅଭିଯୋଗ କରିଛନ୍ତି। ସବୁ ଗାଁକୁ ପକ୍କା ରାସ୍ତା ସଂଯୋଗ ଲାଗି ସରକାର ଯୋଜନା କରୁଥିବା ବେଳେ ଏଭଳି ଗାଁଗଣ୍ଡା ଲାଗି ଯୋଜନା ଅପହଞ୍ଚ ହୋଇ ରହିଛି। ରାସ୍ତା ସୁବିଧା ନ ଥିବାରୁ କେତେକ ଗାଁକୁ ଆମ୍ବୁଲାନ୍ସ ମଧ୍ୟ ଆସି ପାରୁ ନାହିଁ। ଏଥିଲାଗି ରୋଗୀ ଏବଂ ପ୍ରସୂତି ମହିଳାଙ୍କୁ ଖଟିଆରେ ବୋହି ନେବାକୁ ପଡୁଛି ବୋଲି ଗ୍ରାମବାସୀ କହିଛନ୍ତି।

## ଧାନ ଫସଲ ଅଧିକ କ୍ଷତିଗ୍ରସ୍ତ

# ଦାଉ ସାଧିଲା ଅଦିନିଆ ବର୍ଷା

କେନ୍ଦୁଝର, ୨୫।୧୦ (ସ୍ୱ.ପ୍ର.)

ତିନିଦିନ ଧରି ଲଘୁଚାପ ଜନିତ ପ୍ରବଳ ବର୍ଷା ଯୋଗୁ କେନ୍ଦୁଝର ଜିଲାର ବିଭିନ୍ନ ଅଞ୍ଚଳର ଚାଷ ଜମି, ରାସ୍ତାଘାଟ ଜଳମଗ୍ନ ହୋଇପଡିଛି। ତଳିଆ ଅଞ୍ଚଳର ଲୋକଙ୍କ ଘରେ ପାଣି ପଶିଛି। ଏଥିଲାଗି ଜୀବନଯାତ୍ରା ପ୍ରଭାବିତ ହେବା ସହ କେତେକ ସ୍ଥାନରେ କାନ୍ଥ ଭୁଶୁଡି ପଡିବା ଯୋଗୁ ଦୁର୍ଘଟଣା ଘଟିଛି। ଧାନ ଓ ଅନ୍ୟ ଫସଲର ପ୍ରଭୂତ କ୍ଷତି ଘଟିଥିବା ଚାଷୀମାନେ କହିଛନ୍ତି। ବର୍ତ୍ତମାନ ଚାଷ ଜମିରେ ଧାନ ଗଛ ଫୁଲ ଓ ଫଳ ଧରିବା ବେଳେ ଅଦିନିଆ ବର୍ଷା ଯୋଗୁ ଧାନସବୁ ଅଗାଡି ହୋଇଯିବ ବୋଲି ଚାଷୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

ଜିଲାରେ ଶୁକ୍ରବାର ସୁଦ୍ଧା ସମୁଦାୟ ୬୬୨.୩ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଗୁରୁବାର ବର୍ଷା ପରିମାଣ ଥିଲା ୨୮୦.୭ ମି.ମି.। ଜିଲାର ଅଧିକାଂଶ ବ୍ଲକ ଅଞ୍ଚଳରେ ୫୦ ମି.ମି. ଅଧିକ ବର୍ଷା ହୋଇଥିବା କୁହାଯାଉଛି। ଚଳିତ ବର୍ଷ ଖରିଫ ଋତୁ ଆରମ୍ଭରୁ ଅନିୟମିତ ବୃଷ୍ଟିପାତ ଯୋଗୁ ଚାଷୀମାନେ ବିଳମ୍ବରେ ଚାଷ କାର୍ଯ୍ୟ କରିଥିଲେ। ନାଲି ସ୍ୱର୍ଣ୍ଣ, ଧଳା ସ୍ୱର୍ଣ୍ଣ, ପୂଜା, ସିଆର ୧୦୦୯, ୧୦୦୯, ସମ୍ପଦା, ମଉଡମଣି, ୧୦୦୧ ଆଦି ବିଭିନ୍ନ କିସମର ଧାନ ଚାଷ ହୋଇଥିଲା। ବିହନ ଓ ସାର କିଣିବା ସହ ମୂଲମଜୁରି ଲଗାଇ ଅଧିକ ଖର୍ଚ୍ଚାନ୍ତ ହୋଇ ସେମାନେ ଚାଷ କରିଥିଲେ। ଚଳିତ ଖରିଫ ଋତୁରେ ୨୦୫.୨ ହଜାର ହେକ୍ଟର ଜମିରେ ଚାଷ ହୋଇଥିବା ଜଣାପଡିଛି। ସେଥିରୁ ୧୫୨.୩ ହଜାର ହେକ୍ଟର ଜମିରେ ଜଳସେଚନ ବ୍ୟବସ୍ଥା ନ ଥିବାରୁ ଚାଷୀ ବର୍ଷା ପାଣି ଉପରେ ନିର୍ଭର କରିଥାନ୍ତି। ଏବେ ଅଦିନିଆ ବର୍ଷା ଯୋଗୁ ଧାନ କ୍ଷେତରେ ପାଣି ଜମା ହୋଇ ରହିଥିବାବେଳେ ଧାନଫୁଲ ଝଡି ପଡିବା ଓ ଧାନ କେଣ୍ଡା ପାଣିରେ ବୁଡି ରହିଥିବାରୁ ଫସଲରେ ବ୍ୟାପକ କ୍ଷତିଘଟିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବର୍ଷା ଲାଗିରହୁଥିବାରୁ ଖାଲୁଆ ଜମିରୁ ବର୍ଷାପାଣି ନିଷ୍କାସନ ହୋଇ ପାରୁନାହିଁ। ଏଭଳି ପରିସ୍ଥିତିରେ ଯାହାକିଛି ଧାନ ଅମଳ ହେବ ତାହା ବିକ୍ରି ଉପଯୋଗୀ ହେବ କି ନାହିଁ ସେନେଇ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଏ ସମ୍ପର୍କରେ କୃଷକ ନେତା କୀର୍ତ୍ତନ ବିହାରୀ ଜେନା କହିଛନ୍ତି, ଯେଉଁ ଜମିରୁ ଏକର ପିଛା ୨୦ରୁ ୨୨ କୁଇଣ୍ଟାଲ ଧାନ ଅମଳର ଆଶା ଥିଲା, ସେଠାରୁ ୧୪ରୁ ୧୫କୁଇଣ୍ଟାଲ ଅମଳ ମିଳିବ କି ନାହିଁ ସନ୍ଦେହ। ଯେଉଁ ଧାନ ଅମଳ ହେବ ତାହାର ମାନ କମିଯିବ। ଲଗାଣ ବର୍ଷା ସ୍ଥିତି ଦେଖି ବିଭିନ୍ନ ସଦର ବ୍ଲକ ଅଞ୍ଚଳର ଚାଷୀଙ୍କ ସମେତ ଅନ୍ୟ ଅଞ୍ଚଳର ଚାଷୀମାନେ ମଧ୍ୟ ଅନୁରୂପ ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି। ଏନେଇ କୃଷି ଉପନିର୍ଦ୍ଦେଶକ ଚିତ୍ତରଞ୍ଜନ ସାହୁଙ୍କୁ ପଚାରିବାରୁ କହିଛନ୍ତ, ବର୍ଷା ଛାଡିବା ପରେ କ୍ଷୟକ୍ଷତି ଆକଳନ କରାଯିବ। ଏ ସମ୍ପର୍କରେ କ୍ଷେତ୍ର କର୍ମଚାରୀଙ୍କୁ ସଚେତନ କରାଇ ଦିଆଯାଇଛି। ଉଲ୍ଲେଖନୀୟ ଯେ, ୧୯୯୯ ମହାବାତ୍ୟା ଠାରୁ ଅଦ୍ୟାବଧି ପ୍ରାୟ ପ୍ରତିବର୍ଷ ଅକ୍ଟୋବର ମାସରେ ଅଦିନିଆ ବର୍ଷା, ବନ୍ୟା ଆଦି ଯୋଗୁ ଚାଷ କ୍ଷତିଗ୍ରସ୍ତ ହେଉଛି। ଏହି କାରଣରୁ ଧାନର ଅଭାବୀ ଧାନ ବିକ୍ରି ପରିସ୍ଥିତି ସୃଷ୍ଟି ହେଉଛି। ଅନେକ ଚାଷୀ ଏଥିଲାଗି ନିରୁତ୍ସାହିତ ହୋଇ ଚାଷ ଛାଡୁଥିବା କହିଛନ୍ତି।

# କାନ୍ଥ ପଡ଼ି ଦୁଇ ମହିଳା ଗୁରୁତର

ଆନନ୍ଦପୁର,୨୫।୧୦(ସ୍ୱ.ପ୍ର.)



ଚିକିତ୍ସାଧୀନ ଜଣେ ମହିଳା।

ଲଘୁଚାପଜନିତ ପ୍ରବଳ ବର୍ଷା ଯୋଗୁ କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳର ଦୁଇଟି ସ୍ଥାନରେ କାନ୍ଥ ପଡି ଦୁଇ ଜଣ ମହିଳା ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଲଗାଣ ବର୍ଷାରେ ଭିଜି କାନ୍ଥ ଦୁର୍ବଳ ହୋଇ ଧସି ପଡିଥିବା କୁହାଯାଉଛି। ଆନନ୍ଦପୁର ଥାନା ଅଧୀନ ପଚାଙ୍ଗ ଗ୍ରାମର କାଳନ୍ଦୀ ନାୟକଙ୍କ ସ୍ତ୍ରୀ ଇତିଶ୍ରୀ ନାୟକ ଗୁରୁବାର ସନ୍ଧ୍ୟା ସମୟରେ ରୋଷେଇ କରୁଥିବାବେଳେ ବର୍ଷା ପ୍ରଭାବରେ ଇଟା ଯୋଡେଇ ମାଟି କାନ୍ଥ ଧସି ତାଙ୍କ ଉପରେ ପଡିଯାଇଥିଲା। ସେ କାନ୍ଥ ତଳେ ଚାପି ହୋଇ ରହିଯାଇଥିଲେ। ତାଙ୍କ ନିକଟରେ ଥିବା ୪ ମାସର ଶିଶୁ କନ୍ୟା ଅଳ୍ପକେ ବର୍ତ୍ତି ଯାଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ଚିକିତ୍ସାଳୟକୁ ଆଣିଥିଲେ। ସେହିଭଳି ଘସିପୁରା ଥାନା ଭଣ୍ଡାରିଡିହା ପଞ୍ଚାୟତ ବସନ୍ତପୁରା ଗ୍ରାମର ମାଇନା ହାଂସଦା ନାମ୍ନୀ ଜଣେ ମହିଳା କାନ୍ଥ ପଡି ଗୁରୁତର ଆହତ ହୋଇଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ମାଇନା ତାଙ୍କର ଦୁଇ ପୁଅ ସୁନାରାମ ଓ ସୀତାରାମଙ୍କ ସହିତ ଶୋଇଥିବାବେଳେ ମାଟି କାନ୍ଥ ଭୁଶୁଡି ପଡିଥିଲା। କାନ୍ଥ ତଳେ ମାଇନା ଚାପି ହୋଇ ଗୁରୁତର ଆହତ ହୋଇଥିଲେ। ତାଙ୍କ ପୁଅମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ପଡୋଶୀମାନେ ମାଇନାଙ୍କୁ ଉଦ୍ଧାର କରି ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ।

# ଘର ଭାଙ୍ଗିଲା, ଫସଲ ଉଜୁଡ଼ିଲା

ପାଟଣା,୨୫।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକରେ ଗତ ୨୪ ଘଣ୍ଟା ମଧ୍ୟରେ ଲଘୁଚାପଜନିତ ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଏଠାରେ ୪୮. ୫ ମିଲିମିଟର ବୃଷ୍ଟିପାତ ହୋଇଥିବା ରେକର୍ଡ କରାଯାଇଛି। ଏଥିରେ ଅନେକ କଚ୍ଚା ଘର ଭାଙ୍ଗି ପଡିଛି। ପାଚିଲା ଧାନ ଚାଷ ଉଜୁଡି ଯିବାର ଆଶଙ୍କା ସୃଷ୍ଟି ହୋଇଛି।

ଶୁକ୍ରବାର ପୂର୍ବାହ୍ନ ଓ ଗୁରୁବାର ରାତ୍ରିରେ ପ୍ରବଳ ବର୍ଷା ହେବା ବେଳେ ୩ଜଣଙ୍କ ଘର ଭାଙ୍ଗି ପଡିଥିବା ଜଣାପଡିଛି। ରାଜନଗର ରାଜସ୍ୱ ନିରୀକ୍ଷକଙ୍କ ଅଧୀନ ରାଜନଗର ମଝି ସାହିର ରଣଜିତ ଜେନାଙ୍କ ନଡାଛପର ଘର ଶୁକ୍ରବାର ପୂର୍ବାହ୍ନରେ ବର୍ଷାମାଡରେ ଭାଙ୍ଗିପଡିଥିଲା। ପରିବାର ଲୋକେ ବାହାରକୁ ଚାଲି ଆସି ଜୀବନ ରକ୍ଷା କରିଥିଲେ। ସେହିପରି ରାଜନଗର ଶାସନ ସାହିର ସର ରାଉତଙ୍କ ଖପର ଘର କାନ୍ଥ ଭାଙ୍ଗିଯାଇଥିବା ବେଳେ ଦେଉଳିଆ ସାହିର ନିହାର ରଞ୍ଜନ ସିଂଙ୍କ ଗୁହାଳ ଘର ଭାଙ୍ଗି ଯାଇଛି। ରାଜନଗର ରାଜସ୍ୱ ନିରୀକ୍ଷକ ଭବାନୀଶଙ୍କର ରାଉତରାୟ କ୍ଷୟକ୍ଷତି ଆକଳନ କରି ପାଟଣା ତହସିଲଦାରଙ୍କୁ ରିପୋର୍ଟ ଦେଇଥିବା ଜଣାପଡିଛି।



ବର୍ଷାରେ ଭାଙ୍ଗିଛି ଘର।



ପାଣିରେ ପଡ଼ିଯାଇଛି ଧାନଗଛ।

# ଭଙ୍ଗା କୁଡ଼ିଆରେ ଅସହାୟ ମା' ଝିଅ

କେନ୍ଦୁଝର, ୨୫।୧୦ (ସ୍ୱ.ପ୍ର.)

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ମହାଦେଇଯୋଡ଼ା ପଞ୍ଚାୟତର ଚନ୍ଦ୍ରମଣି ପଲେଇ ନାମ୍ନୀ ଜଣେ ଅସହାୟ ମହିଳା ତାଙ୍କ ରୋଗଗ୍ରସ୍ତ ଝିଅ ସହ ଏକ ଭଙ୍ଗା କୁଡ଼ିଆରେ ଦିନ ବିତାଉଛନ୍ତି। ଏବେ ଲଘୁଚାପ୍ ଜନିତ ବର୍ଷାରେ ଘର ପଛ ପାଖ ସମ୍ପୂର୍ଣ୍ଣ ଭାଙ୍ଗିପଡିଛି। ଚନ୍ଦ୍ରମଣି କହିଛନ୍ତି, ଅନ୍ୟ କେହି ସାହାରା ନ ଥିବାରୁ ସେବହୁବାର ପଞ୍ଚାୟତସ୍ତରଠାରୁ ପ୍ରଶାସନ ନିକଟରେ ପହଞ୍ଚି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡେ ଯୋଗାଇ ଦେବାକୁ ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ମା' ଝିଅ ଭାଙ୍ଗି ପଡ଼ିଥିବା ଘରର ଗୋଟିଏ ପାଖକୁ କିଛି କାଠ ଖଣ୍ଡ ଡେର ଦେଇ ବହୁ କଷ୍ଟରେ ରହୁଛନ୍ତି। ଚନ୍ଦ୍ରମଣିଙ୍କୁ ମିଳୁଥିବା ବିଧବା ଭତ୍ତା ୫ଶହ ଟଙ୍କା ସାହା ଭରସା ପାଲଟିଛି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଜବାଶ୍ରୀ ମାଝିଙ୍କୁ ପଚାରିବାରୁ କହିଛନ୍ତି ଯେ, ୨୦୧୮-୧୯ ବର୍ଷରେ ପଞ୍ଚାୟତକୁ ମିଳିଥିବା ୨୮୦ଟି ଘର ମଧ୍ୟରୁ ସାଧାରଣ ବର୍ଗ ପାଇଁ ୨୪ ଟି ଘର ଆସିଥିଲା, ଯାହାର ବଣ୍ଟନ ସରିଛି। ଚନ୍ଦ୍ରମଣିଙ୍କ ବିଷୟରେ ସେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି।

# ଜେଜେଙ୍କ ଆଶ୍ରାରେ ୩ ଅସହାୟ ଶିଶୁ

ଚମ୍ପୁଆ, ୨୫।୧୦(ଡି.ଏନ.ଏ.)



ଜେଜେଙ୍କ ସହ ତିନି ନାତି।

ମା' ଘର ଛାଡି ଚାଲିଯିବା ପରେ ଅକାଳରେ ଝଡିଗଲା ବାପାଙ୍କ ଜୀବନ। ଏଭଳି ସ୍ଥିତିରେ ୩ ଅବୋଧ ଶିଶୁ ଅସହାୟ ହୋଇପଡିଛନ୍ତି। ମଜୁରି ଲାଗି ପେଟ ପୋଷୁଥିବା ବୃଦ୍ଧ ଜେଜେ ଏହି ପିଲାଙ୍କୁ ଆପଣାଇ ସେମାନଙ୍କ ମୁହଁରେ ଦାନା ଦେବାକୁ ଚେଷ୍ଟା ଚଳାଇଛନ୍ତି। ହେଲେ ପିଲାମାନଙ୍କ ଅନିଶ୍ଚିତ ଭବିଷ୍ୟତ ଚିନ୍ତାରେ ସେ ପ୍ରତିଦିନ ଘାରି ହେଉଛନ୍ତି। ଏହି ୩ ଶିଶୁ ହେଲେ ରତନ ଲାଗୁରୀ (୧୦), ରଞ୍ଜିତା ଲାଗୁରୀ (୮) ଓ ଅନିତା ଲାଗୁରୀ (୩)। ଘର କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକଠାରୁ ୭କି.ମି. ଦୂର ରଜିଆ ପଞ୍ଚାୟତର ଟୁଙ୍ଗୁଲେଇ ସାହିରେ।

ଜେଜେବାପା ଗୁରେଇ ଲାଗୁରି ଘରେ ପକ୍ଷାଘାତରେ ଆକ୍ରାନ୍ତ ସ୍ତ୍ରୀଙ୍କ ପାଖରେ ୩ ପିଲାଙ୍କୁ ଛାଡି ପ୍ରତିଦିନ ବିଲବାଡି କାମଧନ୍ଦା କରିବାକୁ ଚାଲି ଯାଆନ୍ତି। କାମରୁ ଫେରିବା ପରେ ରୋଷଇ କରି ସେମାନଙ୍କୁ ଖାଇବାକୁ ଦିଅନ୍ତି। ଗୁରେଇ କହିଛନ୍ତି, ପକ୍ଷଘାତ ସ୍ତ୍ରୀଙ୍କୁ ଔଷଧପତ୍ର ଯୋଗାଇବା ଓ ୩ ପିଲାଙ୍କ ଭରଣପୋଷଣ କରିବା ତାଙ୍କ ଉପରେ ବୋଝ ପାଲଟି ଯାଇଛି। ଏ ସମ୍ପର୍କରେ ସେ ପ୍ରଶାସନକୁ ଗୁହାରି ଜଣାଇ ସହାୟତା ଅପେକ୍ଷାରେ ରହିଛନ୍ତି। ସେ କହିଛନ୍ତି ୩ ପିଲାଙ୍କୁ ସେମାନଙ୍କ ମା' ଛାଡି ଚାଲି ଯିବା ପରେ ବାପା ଅର୍ଜୁନ ଲାଗୁରୀ ପିଲାଙ୍କ ଭବିଷ୍ୟତ ଗଢିବା ଲକ୍ଷ୍ୟରେ କାମଧନ୍ଦା କରି ଦୁଇ ପିଲାଙ୍କୁ ସ୍କୁଲ ପଠାଉଥିଲେ। ବିଧିର ବିଧାନ ବଡ ବିଚିତ୍ର। ଗତ ବିଶ୍ୱକର୍ମା ପୂଜା ସମୟରେ ଅର୍ଜୁନଙ୍କର ଅକାଳ ବିୟୋଗ ଘଟିବାରୁ ଏହି ଅସହାୟ ୩ ପିଲା ରୋଗଗ୍ରସ୍ତ ଜେଜେମା' ଓ ଜେଜେଙ୍କୁ ଭରସା କରି ପଡି ରହିଛନ୍ତି। ଚାଷବାସ ଓ ମଜୁରି କରି କୌଣସି ପ୍ରକାରେ ପେଟ ପୋଷିବାକୁ ତାଙ୍କୁ ସଂଘର୍ଷ କରିବାକୁ ପଡୁଥିବାରୁ ଏହି ୩ ପିଲାଙ୍କୁ କିଭଳି ପାଠ ପଢାଇବେ ସେହି ଚିନ୍ତାରେ ସେ ନିଇତି ଘାରି ହେଉଛନ୍ତି। ସରକାର ତଥା ପ୍ରଶାସନ ଏହି ୩ ପିଲାଙ୍କୁ ଶିକ୍ଷାଲାଭର ସୁଯୋଗ ଦେବା ଲାଗି ସେ ନିବେଦନ କରିବା ସହ ଏ ସମ୍ପର୍କରେ ସ୍ଥାନୀୟ ଜନପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି।

# ବାଲିବରୁଆଁରେ ଶିଶୁ ମହୋତ୍ସବ ସୁରଭି

ଆନନ୍ଦପୁର, ୨୫। ୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘସିପୁରା ବ୍ଲକ ବାଲିବରୁଆଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସରୋଜ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶାଳଦେଇ ସରପଞ୍ଚ ପଦ୍ମନାଭ ଦାସ ମୁଖ୍ୟଅତିଥି, ସମିତି ସଭ୍ୟ ସ୍ମୃତି ରଞ୍ଜନ ମିଶ୍ର, ସ୍ଥାନୀୟ ପ୍ରଧାନ ଶିକ୍ଷକ ସରୋଜ ପଣ୍ଡା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ସିଆରସିସି ସୁଜିତ୍ କୁମାର ଜେନାଙ୍କ ସଂଯୋଜନାରେ କନିଷ୍ଠ ଏବଂ ବରିଷ୍ଠ ବର୍ଗର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, କୁଇଜ୍, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ, ହସ୍ତାକ୍ଷର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ୧୨ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରତାପ ନାୟକ, ପ୍ରଶାନ୍ତ କୁମାର ନାଥ, ନମିତା ପୃଷ୍ଟି, ଦମୟନ୍ତୀ ରାଉତ, ସନ୍ଧ୍ୟାରାଣୀ ଭଞ୍ଜ, ରବୀନ୍ଦ୍ର କୁମାର ସାହୁ, ଶଙ୍କର୍ଷଣ ପାଢୀ, ତ୍ରିବେଣୀ ରାଉତ, ସରୋଜିନୀ ନାୟକ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

# ଲଗାଣ ବର୍ଷାରେ ଗାଁ ରାସ୍ତା ବେହାଲ

କେନ୍ଦୁଝର, ୨୫।୧୦ (ସ୍ୱ.ପ୍ର.)

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତ ସିଲିସୁଆଁ ମୁଣ୍ଡା ସାହିରେ ୫୦ପରିବାର ୩ଶହ ଲୋକ ବସବାସ କରୁଛନ୍ତି। ଏହି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଏବେ ଲଗାଣ ବର୍ଷାରେ ବେହାଲ ହୋଇ ପଡିଛି। ଉକ୍ତ ରାସ୍ତା ଦେଇ ସ୍କୁଲ ଯିବା ଛାତ୍ରୀଛାତ୍ରଙ୍କ ଲାଗି କାଠିକର ପାଠ ହୋଇପଡୁଛି। ୧୦୮ ଆମ୍ବୁଲାନ୍ସ କିମ୍ବା ଅନ୍ୟ ଗାଡ଼ି ଯିବା ବିପଦପୂର୍ଣ୍ଣ ହୋଇ ପଡୁଛି। ମୁଣ୍ଡା ସାହି ଦୋକାନ ପାଖରୁ ୨୦୦ ମିଟର କକ୍ରିଟ ରାସ୍ତା ନିର୍ମାଣ ହୋଇଥିଲେ ବି ଅବଶିଷ୍ଟ ରାସ୍ତା ରାସ୍ତା ଆଣ୍ଠୁଏ ଖାଲଖମା ଓ କାଦୁଅ ପଚପଚ ହୋଇ ଯାତାୟତ ଅନୁପଯୋଗୀ ହୋଇପଡିଛି। ପ୍ରଶାସନ ଏହି ଦିଗରେ ତୁରନ୍ତ ପଦକ୍ଷପ ନେବା ସକାଶେ ଗ୍ରାମବାସୀ ଦାବି କରିଛନ୍ତି।

# ବୃତ୍ତିବାକୁ ବସିଲାଣି ମାଟିଦୀପ ବେଉସା

ଯୋଡ଼ା, ୨୫।୧୦(ଡି.ଏନ.ଏ.)

■ଅଁସେଇକଳା ଓ ସାନବଡବିଲ୍ ଗ୍ରାମରେ ନିରାଶାର ଛାୟା

■କୌଳିକ ବୃତ୍ତିକୁ ଆଦରି କୁମ୍ଭକାର ପରିବାର ହତାଶ

ଆଲୋକର ପର୍ବ ଦୀପାବଳିରେ ଦୀପର ଚାହିଦା ନିଆରା। ଏହି ପର୍ବରେ ମାଟି ଦୀପ ଜାଳିବା ପରମ୍ପରା ସବୁଠି ରହିଛି। ହେଲେ ହାଟ ବଜାରକୁ ଚାଇନାରେ ତିଆରି ଲାଇଟ୍ ଆସିବା ପରଠାରୁ ସ୍ଥାନୀୟ ଅଞ୍ଚଳରେ ମାଟିରେ ଦୀପ ତିଆରି କରୁଥିବା କୁମ୍ଭକାରଙ୍କ ମାଟିଦୀପ ବେଉସା ବୁଡିବାରେ ଲାଗିଛି। ଲୋକେ ଚାଇନା ତିଆରି ରଙ୍ଗବେରଙ୍ଗ ଲାଇଟ୍ କିଣି ଏହାକୁ ଅଧିକ ଭାବେ ବ୍ୟବହାର କରୁଛନ୍ତି। ଏଭଳି ସ୍ଥିତିରେ ଦୀପାବଳିକୁ ଦୃଷ୍ଟିରେ ରଖି ମାଟିଦୀପ ତିଆରି କରୁଥିବା କୁମ୍ଭକାରମାନେ ଉଚିତ ମୂଲ୍ୟ ପାଇପାରୁ ନାହାନ୍ତି।

ଯୋଡା ସହରଠାରୁ ପ୍ରାୟ ୨୦ କିମି ଦୂରରେ ଅବସ୍ଥିତ ଅଁସେଇକଳା ଓ ସାନବଡବିଲ୍ ଗ୍ରାମ ଅବସ୍ଥିତ। ଏହି ଗ୍ରାମରେ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ କୁମ୍ଭକାର ପରିବାର ରହିଛନ୍ତି। ସେମାନେ ପାରମ୍ପରିକ ବୃତ୍ତିକୁ ଆଦରି ମାଟି ହାଣ୍ଡି, ମାଟି ଦୀପ ସହିତ ବିଭିନ୍ନ ସାମଗ୍ରୀ ପ୍ରଭୃତି ତିଆରି କରି ଏହାକୁ ହାଟବଜାରରେ ବିକି ଜୀବିକା ନିର୍ବାହ କରୁଛନ୍ତି। ସେମାନେ ଏସବୁ ସାମଗ୍ରୀ ଯୋଡା, ବଡବିଲ୍, ଚମ୍ପୁଆ, ଜୟନ୍ତୀଗଡ ଆଦି ଅଞ୍ଚଳକୁ ନେଇ ବିକ୍ରି କରିଥାନ୍ତି। ମାତ୍ର ଚାଇନା ନିର୍ମିତ ପ୍ଲାଷ୍ଟିକ ବତି ବିକ୍ରି ବୃଦ୍ଧି ପାଉଥିବାରୁ ମାଟି ତିଆରି ବତିର ଚାହିଦା କ୍ରମେ ହ୍ରାସ ପାଇବାରେ ଲାଗିଛି। ଝାଡଖଣ୍ଡର ବ୍ୟବସାୟୀମାନେ ଏବେ ଆଧୁନିକ ବିଦ୍ୟୁତ୍‌ଚାଳିତ ଦୀପ, ବତି ଓ ଲାଇଟ୍ ଏ ଅଞ୍ଚଳରେ ବିକ୍ରି କରୁଥିବାରୁ ଲୋକେ ଏସବୁ ସାମଗ୍ରୀ ପ୍ରତି ବିଶେଷ ଆକର୍ଷିତ ହେଉଛନ୍ତି। ଅଁସେଇକଳା ଗ୍ରାମର ମହିଳା କାରିଗର ଅର୍ପିତ ବେହେରା କହିଛନ୍ତି, ମାଟି ଦୀପ ତିଆରି ଆମ କୁଳ ବ୍ୟବସାୟ। ଏଥିଲାଗି ଆମେ ଆଗୁଆ ମାଟି ଦୀପ ଗଢି ଦୀପାବଳିରେ ବେପାର କରିଥାଉ। ଆଗରୁ ପୂଜା ପାର୍ବଣ, ଯାନିଯାତ୍ରା ଓ ବିବାହ ଉତ୍ସବ ସମୟରେ ମାଟିପାତ୍ରର ଭଲ ଚାହିଦା ରହୁଥିଲା। ବିଶେଷକରି ଦୀପାବଳି ଉପଲକ୍ଷେ ସେମାନେ ଅଧିକ ସଂଖ୍ୟାରେ ମାଟି ଦୀପ ତିଆରି କରି ଏହାକୁ ବିକି ପରିବାର ଚଳାଉଥିଲେ।



**ମାଟିଦୀପର ପସରା:** ଗ୍ରାହକଙ୍କ ଅପେକ୍ଷାରେ ଦୋକାନୀ।

ଏବେ ମାଟି ଦୀପ ବିକିଲେ ଉଚିତ ପ୍ରାପ୍ୟ ମିଳୁ ନ ଥିବାରୁ ଜୀବିକା ନିର୍ବାହ କରିବା କଷ୍ଟସାଧ୍ୟ ହୋଇପଡିଲାଣି। ଗ୍ରାମର ଅନ୍ୟଜଣେ ମହିଳା କାରିଗର ରୁକ୍ମିଣୀ ବେହେରା ଅନୁରୂପ ପ୍ରତିକ୍ରିୟା ବ୍ୟକ୍ତକରି କହିଛନ୍ତି, ଦୀପାବଳି ପର୍ବ ଆସିଲେ ଗ୍ରାମର ଆବାଳ ବୃଦ୍ଧବନିତା ମାଟି ଦୀପ ତିଆରି କାମରେ ଲାଗି ପଡିଥାନ୍ତି। ପାରମ୍ପରିକ ବୃତ୍ତିକୁ ଆପଣାଇ ସେମାନେ ଏବେ ଅବହେଳିତ, ନିଷ୍ପେଷିତ। କୁମ୍ଭକାରମାନଙ୍କ ବୃତ୍ତିକୁ ବଞ୍ଚାଇବା ଲାଗି ସରକାରୀ ପ୍ରୋତ୍ସାହନ ନିହାତି ଆବଶ୍ୟକ ବୋଲି ଯୋଡା ବିଜୁ ଜନତା ଦଳ ସଭାପତି ମାନସ ଦାସ, ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର ପ୍ରମୁଖ ମତପୋଷଣ କରିଛନ୍ତି।